ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HT&H(OD)/1077/19-01-2021

# ଜାନୁଆରୀ ୨୦ରୁ ଆରମ୍ଭ ହେବ ବହୁ ପ୍ରତୀକ୍ଷିତ
# ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୧

ଭୁବନେଶ୍ୱର, ତା.୧୯/୦୧/୨୦୨୧

କଳା-ସ୍ଥାପତ୍ୟର ଦେଶ ଭାବେ ଭାରତ ବିଶ୍ୱବିଦିତ । ଭାରତ ମଧ୍ୟରେ କଳାନୈପୁଣ୍ୟତା ପାଇଁ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର । ସେଥିପାଇଁ ଏକଦା ଓଡ଼ିଶା ଉତ୍କର୍ଷ କଳାର ରାଜ୍ୟ 'ଉତ୍କଳ' ନାମରେ ଆଦୃତି ଲାଭ କରିଥିଲା । ଓଡ଼ିଶା ବସ୍ତ୍ର ମଧ୍ୟରେ ମୁଖ୍ୟତଃ ବାନ୍ଧକଳାର ବୈଭବ କେବଳ ଆମ ରାଜ୍ୟ ନୁହେଁ ସମଗ୍ର ଦେଶ ତଥା ବିଶ୍ୱକୁ ଋଦ୍ଧିମନ୍ତ କରିପାରିଛି । ଓଡ଼ିଶାର ବାନ୍ଧବସ୍ତ୍ର ପରି ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଗୁଜୁରାଟର ପଟୋଲା, ଲକ୍ଷ୍ନୌର ଚିକେନ କାରୀ, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ି, ଦିଲ୍ଲୀ, ହରିୟାଣାର ଫର୍ନିସିଙ୍ଗ୍ ବସ୍ତ୍ର, ପଞ୍ଜାବର କମ୍ବଳ ଓ କର୍ଣ୍ଣାଟକର ସିଲକ୍ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଭାରତର ବୟନ କଳା ବିଭବକୁ ଆହୁରି ଋଦ୍ଧିମନ୍ତ ଓ ସୁଦୂରପ୍ରସାରୀ କରାଇପାରିଛି । ଏହି ସମସ୍ତ ବୟନ କଳାକୁ ଗୋଟିଏ ସ୍ଥାନରେ ପ୍ରଦର୍ଶିତ କରାଇବା ପାଇଁ ତଥା ଏହାର ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରି ଏଥିରେ ସଂପୃକ୍ତ ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତିକଳ୍ପେ, ଓଡ଼ିଶା ସରକାରଙ୍କ ପ୍ରାୟୋଜନରେ ବୟନିକା ଦ୍ୱାରା ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱରଠାରେ ଏହି ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳାର ଆୟୋଜନ କରାଯାଉଛି । ଏହି ବିଂଶତମ 'ଜାତୀୟ ସ୍ତରୀୟ ହସ୍ତତନ୍ତ ମେଳା' ଜାନୁଆରୀ ୨୦ ତାରିଖଠାରୁ ଫେବୃଆରୀ ୧୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ।

ଏହି ମେଳାକୁ ଶ୍ରୀମତୀ ପଦ୍ମିନୀ ଦିଆନ, ମନ୍ତ୍ରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡ଼ିଶା ଜାନୁଆରୀ ୨୦ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଉଦ୍‌ଘାଟନ କରିବେ । ଏହି ଉଦ୍‌ଘାଟନୀ ଉତ୍ସବରେ ଶ୍ରୀମତୀ ଶୁଭା ଶର୍ମା, କମିଶନର ତଥା ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା, ଶ୍ରୀ ଜ୍ୟୋତି ପ୍ରକାଶ ଦାସ, ବୟନଶିଳ୍ପ ନିର୍ଦ୍ଦେଶକ ତଥା ପରିଚାଳନା ନିର୍ଦ୍ଦେଶକ, ବୟନିକା ତଥା ବିଭାଗ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟର ପଦାଧିକାରୀବୃନ୍ଦ ଯୋଗଦାନ କରିବେ ।

ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ କୋଣ-ଅନୁକୋଣରେ ପ୍ରସ୍ତୁତ ସୂତା, ସିଲକ୍, ଟସର, ଏରି ଓ ବିଭିନ୍ନ ଡିଜାଇନ୍‌ର ଶାଢ଼ି, ଡ୍ରେସ୍, ଡ୍ରେସ୍ ମ୍ୟାଟେରିଆଲ୍, ପରଦା କପଡ଼ା, ଲୁଙ୍ଗି, ଧୋତି, ଟାୱେଲ୍, ଫର୍ନିସିଙ୍ଗ୍ କପଡ଼ା ଇତ୍ୟାଦି ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ ।

ଏହି ମେଳା ପ୍ରତ୍ୟହ ଦିନ ୧୧.୩୦ରୁ ରାତି ୯.୩୦ ପର୍ଯ୍ୟନ୍ତ ଚାଲିବ । ମେଳାରେ ଓଡ଼ିଶାର ପ୍ରତ୍ୟେକ ଷ୍ଟଲ୍‌ରେ ପ୍ରତ୍ୟେକ ବସ୍ତ୍ର ବିକ୍ରି ଉପରେ ସ୍ୱତନ୍ତ୍ର ରିହାତି ଦେବାର ବ୍ୟବସ୍ଥା କରାଯାଇଛି । ମେଳାରେ ମୋଟ ୧୧୭ଟି ଷ୍ଟଲର ଆୟୋଜନ ହୋଇଛି । ସେଥି ମଧ୍ୟରୁ ୮୫ଟି ଷ୍ଟଲ ଓଡ଼ିଶାର ବିଭିନ୍ନ ପ୍ରମୁଖ ସଂସ୍ଥା ଯଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ଉତ୍କଳିକା ଓ ସେରିଫେଡ୍ ତଥା ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତିମାନଙ୍କ ପାଇଁ ସଂରକ୍ଷିତ ରହିଛି । ଓଡ଼ିଶାକୁ ଛାଡ଼ି ଅନ୍ୟ ୧୬ଟି ରାଜ୍ୟର ହସ୍ତତନ୍ତ ସଂସ୍ଥା ଓ ସମିତିମାନେ ଅଂଶଗ୍ରହଣ କରୁଛନ୍ତି । ସର୍ବୋପରି ବୟନିକା ଏହି ମେଳାକୁ ବୟନଶିଳ୍ପ ନିର୍ଦ୍ଦେଶାଳୟ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ଆୟୋଜନ କରିବା ପାଇଁ ସଂକଳ୍ପବଦ୍ଧ । ଏହି ମେଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ସାମ୍ବାଦିକମାନଙ୍କ ହାର୍ଦ୍ଦିକ ସହଯୋଗ ଏବଂ ସଦିଚ୍ଛା ଏକାନ୍ତ ଆବଶ୍ୟକ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସାମ୍ବାଦିକ ବନ୍ଧୁମାନଙ୍କର ସଦିଚ୍ଛା ଓ ସହଯୋଗ ଦ୍ୱାରା ଏହି ମେଳା ନିଶ୍ଚିତ ସଫଳତା ଲାଭ କରିବ ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ